# ଅକ୍ସଫୋର୍ଡ଼'ର କୋଭିଡ୍‌-୧୯ ଟିକା ପ୍ରତି ଆସ୍ଥା ବୃଦ୍ଧି

**ଲଣ୍ଡନ,୨୨।୫/ଏଜେନ୍ସି :** ଅକ୍ସଫୋର୍ଡ ଗବେଷକମାନେ ତିଆରି କରିଥିବା କୋଭିଡ୍‌-୧୯ ଟିକା ସଫଳତାର ସହ କାମ କରୁଛି ବୋଲି ପ୍ରାଥମିକ ପରୀକ୍ଷଣରୁ ଜଣାପଡ଼ିଛି । ଏବେ ଉକ୍ତ ଟିକାର ଦ୍ୱିତୀୟ ପରୀକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୧ ହଜାର ଲୋକଙ୍କୁ ଅକ୍ସଫୋର୍ଡ ପ୍ରସ୍ତୁତ ଟିକା ଦିଆଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବୟସ୍କ ବ୍ୟକ୍ତି ଓ ପିଲାଙ୍କୁ ମିଶାଇ ପ୍ରାୟ ୧୦,୨୬୦ ଜଣଙ୍କୁ କୋଭିଡ୍‌-୧୯ ଟିକା ଦିଆଯିବାର ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ବୟସର ଲୋକଙ୍କ ଉପରେ ଟିକାର ପ୍ରଭାବ ଜାଣିବା ପାଇଁ

**ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ**




ଗବେଷକମାନେ ଦ୍ୱିତୀୟ ପର୍ଯ୍ୟାୟର ପରୀକ୍ଷଣ ଆରମ୍ଭ କରିଛନ୍ତି ବୋଲି ଅକ୍ସଫୋର୍ଡ ଗବେଷଣା ଟିମର ପ୍ରଫେସର ଆଣ୍ଡ୍ର୍ୟୁ ପୋଲାର୍ଡ କହିଛନ୍ତି । ନୂତନ ଟିକାର ପରୀକ୍ଷଣ ପାଇଁ ବହୁ ସ୍ୱେଚ୍ଛାସେବୀ ସ୍ୱତଃ ଆଗେଇ ଆସୁଥିବାରୁ ପ୍ରଫେସର ପୋଲାର୍ଡ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି । ସେ କହିଛନ୍ତି, ଏହି ଟିକାର ସଫଳ ପରୀକ୍ଷଣ ଉପରେ ମହାମାରୀ କୋଭିଡ୍‌-୧୯ କବଳରୁ ସମଗ୍ର ମାନବ ଜାତିକୁ ରକ୍ଷା କରିବାର ଗୁରୁଦାୟିତ୍ୱ ନିର୍ଭର କରୁଛି । ଦ୍ୱିତୀୟ ପରୀକ୍ଷଣ ଫଳାଫଳ ପ୍ରାୟ ସେପ୍ଟେମ୍ବର ସୁଦ୍ଧା ଜଣାପଡ଼ିବ । ତା' ପରେ ତୃତୀୟ ପରୀକ୍ଷଣ ପ୍ରକ୍ରିୟା ଆରମ୍ଭ ହେବ । ଉକ୍ତ ପରୀକ୍ଷଣରେ ୧୮ ବର୍ଷରୁ ଅଧିକ ବୟସର ବହୁ ଲୋକଙ୍କୁ ସାମିଲ କରାଯିବ । ସବୁ ବୟସର ଲୋକଙ୍କ ଉପରେ କୋଭିଡ୍‌-୧୯ ଟିକାର ପରୀକ୍ଷାମୂଳକ ଅନୁଧ୍ୟାନ କରାଯିବା ପରେ ତାକୁ ସଂକ୍ରମିତଙ୍କ କ୍ଷେତ୍ରରେ ପ୍ରୟୋଗ କରାଯିବ ବୋଲି ଜେନେର ଇନ୍‌ଷ୍ଟିଚ୍ୟୁଟ୍‌ର ଭୂତାଣୁ ଗବେଷକ ପ୍ରଫେସର ସାରାହ ଗିଲବର୍ଟ କହିଛନ୍ତି । ତାଙ୍କ ସୂଚନାନୁସାରେ ପ୍ରଥମ ପର୍ଯ୍ୟାୟ ପରୀକ୍ଷଣରେ ୫୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ ସାମିଲ କରାଯାଇନଥିଲା । ତେବେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏହି ଦୁଇ ପର୍ଯ୍ୟାୟର ସଫଳ ପରୀକ୍ଷଣ ପରେ ଅକ୍ସଫୋର୍ଡ ପ୍ରସ୍ତୁତ କୋଭିଡ୍‌-୧୯ ଟିକା ସବୁ ବୟସର ଲୋକଙ୍କ ପ୍ରତି ସଠିକ୍ କାମ କରୁଛି କି ନା' ସ୍ପଷ୍ଟ ହୋଇଯିବ । ଗବେଷକଙ୍କ ଆଶାନୁଯାୟୀ ଟିକା କାମ କରୁଥିବାର ଜଣାପଡ଼ିଲେ, ଔପଚାରିକ ଭାବେ ସମ୍ପୃକ୍ତ ଟିକାକୁ ସ୍ୱୀକୃତି ପ୍ରଦାନ କରାଯିବ । ବିଶେଷ କରି ଅକ୍ସଫୋର୍ଡର କୋଭିଡ୍‌-୧୯ ଟିକା ମଣିଷ ସମାଜର ବଂଶବୃଦ୍ଧି ପ୍ରକ୍ରିୟା ଉପରେ କୁପ୍ରଭାବ ପକାଇବାର ସମ୍ଭାବନା ଅଛି କି ନାହିଁ ଜାଣିବା ଜରୁରୀ । ଅକ୍ସଫୋର୍ଡର କୋଭିଡ୍‌-୧୯ ଟିକା ଅନୁମୋଦନ ଲାଭ କରିବା ପରେ ଆଷ୍ଟ୍ରାଜେନେକା ବାୟୋଫାର୍ମା ତରଫରୁ ବହୁଳ ପରିମାଣର ଟିକା କରାଯିବା ପାଇଁ ରାଜିନାମା ହୋଇଛି ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com